# NATIONAL NEWS BULLETIN (ODIA)
## 11 May - 2024
## Morning Bulletin : 7.15 A.M.

**********************************

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ସମୟୋପଯୋଗୀ ଚିକିତ୍ସା ଦ୍ୱାରା ହିଁ ରକ୍ଷା କରାଯାଇପାରିବ ରୋଗୀଙ୍କ ଜୀବନ
- ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାରେ ଆଜି ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ  କରିବେ ପ୍ରଚାର ।
- ଛତିଶଗଡ଼ରେ ସୁରକ୍ଷାକର୍ମୀଙ୍କ ସହ ଗୁଳି ବିନିମୟରେ ୧୨ ମାଓବାଦୀଙ୍କ ମୃତ୍ୟୁ
- ଆଫଗାନିସ୍ଥାନ ବନ୍ୟାରେ ୫୦ ଜଣଙ୍କର ମୃତ୍ୟୁ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ଚନ୍ନାଇ ସୁପର୍ କିଙ୍ଗ୍‌ସ' ଗୁଜରାଟ ଟାଇଟନ୍ସ' ଠାରୁ ୩୫ ରନ୍‌ରେ ପରାସ୍ତ ।

# ପ୍ରେଜ୍-ଏନ୍‌ବିଏମ୍‌ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ସମୟୋପଯୋଗୀ ଚିକିତ୍ସା ପାଇଲେ ରୋଗୀଙ୍କ ଜୀବନ ରକ୍ଷା କରାଯାଇପାରିବ। ଗତକାଲି ନୂଆଦିଲ୍ଲୀଠାରେ ନ୍ୟାସନାଲ ବୋର୍ଡ ଅଫ୍ ଏକ୍‌ଜାମିନେସନ୍ ଇନ୍ ମେଡିକାଲ ସାଇନ୍‌ସେସ୍ ର ୨୨ତମ ସମାବର୍ତ୍ତନ ଉତ୍ସବକୁ ସମ୍ବୋଧନ କରି ରାଷ୍ଟ୍ରପତି  ଜରୁରୀକାଳୀନ ରୋଗୀଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ ବିଶେଷଜ୍ଞ ଡାକ୍ତରଙ୍କୁ  ପରାମର୍ଶ ଦେଇଛନ୍ତି । ରାଷ୍ଟ୍ରପତି  କହିଛନ୍ତି  ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିଳମ୍ବ ହେବା ଅନୁଚିତ ।

ତୁରନ୍ତ ସ୍ୱାସ୍ଥ୍ୟସେବା, ସମ୍ବେଦନଶୀଳ ସ୍ୱାସ୍ଥ୍ୟସେବା ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟସେବା ପ୍ରତି ଧ୍ୟାନ ଦେବାକୁ ରାଷ୍ଟ୍ରପତି ଡାକ୍ତରମାନଙ୍କୁ ଅନୁରୋଧ କରିଥିଲେ । ଗରିବ ରୋଗୀଙ୍କୁ ମାଗଣାରେ ଚିକିତ୍ସା ସହାୟତା ଯୋଗାଇ ଦେଇ ସେମାନେ ଦେଶ ଓ ସମାଜ ପାଇଁ ଅମୂଲ୍ୟ ଜୀବନ ବଞ୍ଚାଇବାକୁ ସେ ଆହ୍ୱାନ ଦେଇଛନ୍ତି। ଡାକ୍ତରୀ ଛାତ୍ରମାନଙ୍କୁ ପରାମର୍ଶ ଦେଇ ରାଷ୍ଟ୍ରପତି ସେବା ଭାବନାର ସୁରକ୍ଷା, ଉନ୍ନତି ଓ ପ୍ରସାର ପାଇଁ ସେମାନଙ୍କୁ ଆହ୍ୱାନ ଦେଇଥିଲେ।  ଦେଶର ବିଶାଳ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ଡାକ୍ତରଙ୍କ ଉପଲବ୍ଧତା କ୍ରମାଗତ ଭାବେ ବୃଦ୍ଧି କରିବାର ଆବଶ୍ୟକତା ରହିଛି ବୋଲି ରାଷ୍ଟ୍ରପତି କହିଛନ୍ତି।

## ପି.ଏମ୍. - ରାଜଧାନୀ ରୋଡ୍ ଶୋ’

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଓଡ଼ିଶାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ  କନ୍ଧମାଳ, ବଲାଙ୍ଗିର ଓ ବରଗଡ଼ରେ ନିର୍ବାଚନୀ ର୍‍ୟାଲି ଗୁଡ଼ିକରେ ଉଦ୍‌ବୋଧନ ଦେବେ । ଶ୍ରୀ ମୋଦୀ ପ୍ରଥମେ କନ୍ଧମାଳ ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ଜନସଭାକୁ ସମ୍ବୋଧନ କରିବେ ।  ଏହା ପରେ ସେ ବଲାଙ୍ଗିର ଏବଂ ବରଗଡ଼ ଜିଲ୍ଲାରେ ନିର୍ବାଚନୀ ସଭାରେ ଯୋଗ ଦେବେ ବୋଲି ଜଣାପଡ଼ିଛି

ଶ୍ରୀ ମୋଦୀଙ୍କର ଏହି ଦୁଇଦିନିଆ ଓଡ଼ିଶା ଗସ୍ତ ଅବସରରେ ଗତସନ୍ଧ୍ୟାରେ ଭୁବନେଶ୍ୱରରେ ଏକ ରୋଡ୍ ଶୋ’ରେ ଭାଗ ନେଇଥିଲେ ।

## କୁଏତ-ସଂସଦ ଭଙ୍ଗ

କୁଏତର ଅମୀର ଶେଖ୍ ମେଶାଲ ଅଲ୍ ଅହମ୍ମଦ ଅଲ୍ ସବା ଗତକାଲି ରାଜନୈତିକ ଅସ୍ଥିରତା ଦର୍ଶାଇ ସଂସଦ ଭଙ୍ଗ କରିବା ସହ ସମ୍ବିଧାନର କିଛି ଅଂଶକୁ ୪ ବର୍ଷ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ଘୋଷଣା କରିଛନ୍ତି। ସେଠାକାର ଟେଲିଭିଜନକୁ ଶ୍ରୀ ଅମୀର କହିଛନ୍ତି  ସଂପ୍ରତି ସଂଗଠିତ ଉତ୍ତେଜନାକୁ ଦୃଷ୍ଟିରେ ରଖି ଦେଶର ସ୍ୱାର୍ଥ ରକ୍ଷା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି ।

ଗତ ମାସରେ  ଉପସାଗରୀୟ ଦେଶରେ ଅନୁଷ୍ଠିତ ଚତୁର୍ଥ ନିର୍ବାଚନରେ ପୂର୍ବ ସଂସଦର ୪୬ ଜଣ ସଦସ୍ୟଙ୍କ ମଧ୍ୟରୁ ୩୯ ଜଣ ନିଜ ଆସନ ବଜାୟ ରଖିଥିଲେ। ସାମ୍ବିଧାନିକ ନିଲମ୍ବନ ସମୟରେ ଗଣତାନ୍ତ୍ରିକ ପ୍ରକ୍ରିୟାର ସମସ୍ତ ଦିଗକୁ ଭଲ ଭାବେ ଯାଞ୍ଚ କରାଯାଇଛି ବୋଲି ସେ କହିଛନ୍ତି।

କୁଏତର ସମ୍ବିଧାନ ଅନୁଯାୟୀ ନିର୍ବାଚନର ଦୁଇ ସପ୍ତାହ ମଧ୍ୟରେ ନୂଆ ସରକାର ଗଠନ ହେବା କଥା। ତେବେ ଏପ୍ରିଲରେ ଅନୁଷ୍ଠିତ ନିର୍ବାଚନ ପରଠାରୁ ନିର୍ବାଚିତ ସାଂସଦ ଓ ନିଯୁକ୍ତ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଉତ୍ତେଜନା ନୂଆ ସରକାର ଗଠନରେ ବାଧା ସୃଷ୍ଟି କରିଥିଲା। ଏପ୍ରିଲ ୧୫ ରେ ଶେଖ୍ ମେଶାଲ ଶେଖ୍ ଅହମ୍ମଦ ଅବଦୁଲ୍ଲା ଅଲ୍ ଅହମ୍ମଦ ଅଲ୍ ସବାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ କରିବା ସହ ନୂଆ ସରକାର ଗଠନ ପାଇଁ ତାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଗତ ଡିସେମ୍ବର ମାସରେ ଜଣେ ସାଂସଦଙ୍କ ଅସାମ୍ବିଧାନିକ ମନ୍ତବ୍ୟକୁ ନେଇ ସଂସଦ ତାଙ୍କୁ ନିନ୍ଦା କରିବାକୁ ମନା କରିବା ପରେ ପୂର୍ବ ସଂସଦ ଭଙ୍ଗ କରାଯାଇଥିବା ଜଣାପଡ଼ିଛି ।

## ପଶ୍ଚିମବଙ୍ଗ-ଅମିତ ଶାହ

ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା  କହିଛନ୍ତି ପଶ୍ଚିମବଙ୍ଗର ବୀରଭୂମ ଜିଲ୍ଲାରେ ମମତା ବାନାର୍ଜୀଙ୍କ ସରକାର ପର୍ଯ୍ୟଟନର ବିକାଶ ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ନେଇନାହାନ୍ତି । ବୀରଭୂମର ଚକପଡ଼ା ତାରାପୀଠ ରୋଡରେ ଏକ ସାଧାରଣସଭାକୁ ସମ୍ବୋଧନ କରିବା ଅବସରରେ ଶ୍ରୀ ଶାହା କହିଛନ୍ତି ବିଜେପି କ୍ଷମତାକୁ ଆସିଲେ ସେହି ଜିଲ୍ଲାର ଧାର୍ମିକ ସ୍ଥଳଗୁଡ଼ିକର ବିକାଶ କରିବ ।  ଏହାପରେ ଶ୍ରୀ ଶାହା ଆସାନସୋଲର ରାଣୀଗଞ୍ଜଠାରେ ବିଜେପି ପ୍ରାର୍ଥୀଙ୍କ ସମର୍ଥନରେ ଏକ ରୋଡ୍ ସୋ'ରେ ଭାଗ ନେଇଥିଲେ।

## ମହା-ସ୍ୱତନ୍ତ୍ର ମତଦାନ କେନ୍ଦ୍ର

ମହାରାଷ୍ଟ୍ରର ପାଲଘର ଲୋକସଭା ନିର୍ବାଚନ ମଣ୍ଡଳୀରେ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ମତଦାନ କେନ୍ଦ୍ର ଖୋଲାଯାଇଛି । ଏଥିରେ ଜିଲ୍ଲାର ୬ଟି ସ୍ଥାନରେ ଯୁବବର୍ଗଙ୍କ ପାଇଁ ଯୁବ ମତଦାନ କେନ୍ଦ୍ର, ଭିନ୍ନକ୍ଷମ ଓ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ମତଦାନ କେନ୍ଦ୍ର ରହିଛି। ପରଦା ପରମ୍ପରାକୁ ଅନୁସରଣ କରୁଥିବା ମହିଳାଙ୍କ ପାଇଁ ୧୪ଟି ସ୍ଥାନରେ ସ୍ୱତନ୍ତ୍ର କେନ୍ଦ୍ର ଖୋଲାଯାଇଛି । ମତଦାନ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ପ୍ରାୟ ୨ହଜାର ୭୧୬ ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ବସାଇ ବିଧାନସଭା ନିର୍ବାଚନ ମଣ୍ଡଳୀର ଅର୍ନାଲା ଦୁର୍ଗ ଏବଂ ପାଞ୍ଜୁରେ ଥିବା ମତଦାନ କେନ୍ଦ୍ରରେ ପହଞ୍ଚିବା ପାଇଁ ଭୋଟରଙ୍କ ପାଇଁ ୮ଟି ଡଙ୍ଗାର ବ୍ୟବସ୍ଥା କରାଯାଇଛି ବୋଲି ସେଠାକାର ନିର୍ବାଚନ ଅଧିକାରୀଙ୍କ ସୂତ୍ରରୁ ଜଣାପଡ଼ିଛି ।

## ଇଜିପ୍ଟ-ଇସ୍ରାଏଲ ଚେତାବନୀ

ଇସ୍ରାଏଲକୁ କଡ଼ା ଚେତାବନୀ ଦେଇ ଇଜିପ୍ଟ କହିଛି, ଇସ୍ରାଏଲ ରାଫା ଉପରେ ଆକ୍ରମଣ ଜାରି ରଖିଲେ ଐତିହାସିକ କ୍ୟାମ୍ପ ଡେଭିଡ୍ ଚୁକ୍ତିକୁ ରଦ୍ଦ କରାଯିବ। ରାଫାରେ ଚାଲିଥିବା ଇସ୍ରାଏଲର ସାମରିକ ଅଭିଯାନକୁ ନେଇ ଉତ୍ତେଜନା ବୃଦ୍ଧି ଦୃଷ୍ଟିରୁ ଆମେରିକା' ଇସ୍ରାଏଲକୁ ଚେତାବନୀ ଦେଇଥିବା ଜଣାପଡିଛି ।

ରାଫାରେ ସମ୍ଭାବ୍ୟ ଇସ୍ରାଏଲ ସାମରିକ ଅଭିଯାନ ଦ୍ୱାରା ସୃଷ୍ଟି ହୋଇଥିବା ବିପଦକୁ ନେଇ ଇଜିପ୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲା। ରାଫାରେ ଇସ୍ରାଏଲର କାର୍ଯ୍ୟକଳାପକୁ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦା କରାଯାଇଛି । ଏହି ସଂଘର୍ଷ ଯୋଗୁଁ ଗାଜା ଉପତ୍ୟକାର ଦକ୍ଷିଣ ଅଞ୍ଚଳକୁ ବିସ୍ଥାପିତ ହୋଇଥିବା ୧୦ ଲକ୍ଷରୁ ଅଧିକ ପାଲେଷ୍ଟାଇନୀଙ୍କ ସୁରକ୍ଷାକୁ ନେଇ ଅନେକ ଦେଶ ଚିନ୍ତା ପ୍ରକଟ କରିଛନ୍ତି ।

ସୂଚନାଯୋଗ୍ୟ ୧୯୭୮ ମସିହା ସେପ୍ଟେମ୍ବର ୧୭ ତାରିଖରେ ଶାନ୍ତି ପ୍ରତିଷ୍ଠା ଲକ୍ଷ୍ୟରେ ଇସ୍ରାଏଲ୍ ଓ ଇଜିପ୍ଟ ମଧ୍ୟରେ କ୍ୟାମ୍ପ ଡେଭିଡ୍ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

## ବିଜେପି ନାଗାଲାଣ୍ଡ-ଧାରଣା

ଇଣ୍ଡିଆନ୍ ଓଭରସିଜ୍ କଂଗ୍ରେସ ଅଧ୍ୟକ୍ଷ ସାମ୍ ପିତ୍ରୋଡା ନିକଟରେ ଦେଇଥିବା ମନ୍ତବ୍ୟକୁ ବିରୋଧ କରି ଭାରତୀୟ ଜନତା ପାର୍ଟି ଗତକାଲି ନାଗାଲାଣ୍ଡର ଦିମାପୁର ମାରଓ୍ୱାଡ଼ିପଟିଠାରେ ଧାରଣା ଦେଇଥିଲା। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଭାରତୀୟଙ୍କୁ ଚୀନ୍, ଆରବ, ଗୋରା ଓ ଆଫ୍ରିକୀୟଙ୍କ ସହ ତୁଳନା କରି ଶ୍ରୀ ପିତ୍ରୋଡାଙ୍କ ବୟାନକୁ ନେଇ ବିଜେପି ତୀବ୍ର ନିନ୍ଦା କରିଛି ।

ବିଜେପି ରାଜ୍ୟ ମୁଖପାତ୍ର ମୁଘବୀ ଚିଶି  ଅଭିଯୋଗ କରିଛନ୍ତି ଯେ ଏଭଳି ମନ୍ତବ୍ୟ ବିଭାଜନକାରୀ ଭାବନାକୁ ପ୍ରୋତ୍ସାହିତ କରିବା ସହ ପଡ଼ୋଶୀ ରାଷ୍ଟ୍ରଙ୍କୁ ଭାରତ ଭିତରେ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ନେଇ ଦାବି ଉପସ୍ଥାପନ କରିବାକୁ ଉତ୍ସାହିତ କରିବ ।

## ଦିଲ୍ଲୀ କୋର୍ଟ - ବ୍ରିଜ ଭୂଷଣ

ପୂର୍ବତନ ଭାରତୀୟ କୁସ୍ତି ମହାସଂଘର ମୁଖ୍ୟ ତଥା ବିଜେପି ସାଂସଦ ବ୍ରିଜଭୂଷଣ ଶରଣ ସିଂହଙ୍କ ବିରୁଦ୍ଧରେ ଯୌନ ନିର୍ଯାତନା ମାମଲା ନେଇ ଚାର୍ଜଫ୍ରେମ୍ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ୫ ଜଣ ମହିଳା କୁସ୍ତିଯୋଦ୍ଧାଙ୍କ ଦ୍ୱାରା ଦାୟର ଯୌନ ନିର୍ଯାତନା ମାମଲାରେ ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ ଗତକାଲି ଏହି ନିର୍ଦ୍ଦେଶ ଦେଇଛନ୍ତି।  ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୨୧ ତାରିଖକୁ ଧାର୍ଯ୍ୟ କରାଯାଇଛି ।

## ଡିଆରଡିଓ-ଟେକ୍ନୋଲୋଜି

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଅଷ୍ଟମ ପ୍ରଯୁକ୍ତି ପରିଷଦ ବୈଠକ ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ, ପୁଲିସ ଏବଂ ଜାତୀୟ ବିପର୍ଯ୍ୟୟ ମୁକାବିଲା ବାହିନୀରେ ଡିଆରଡିଓ ଜ୍ଞାନକୌଶଳ ଉପଯୋଗ କରିବା ଉପରେ ଆଲୋଚନା ହୋଇଥିଲା ।  ଦେଶର ବିଭିନ୍ନ ଡିଆରଡିଓ ପରୀକ୍ଷାଗାର ଭର୍ଚୁଆଲ ମାଧ୍ୟମରେ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ

ଡିଆରଡିଓ ଦ୍ୱାରା ବିକଶିତ ବିଭିନ୍ନ ଉତ୍ପାଦକୁ ନେଇ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା ।

# ଆଫଗାନ-ବନ୍ୟା

ଆଫଗାନିସ୍ତାନରେ ପ୍ରବଳ ବର୍ଷା ଜନିତ ବନ୍ୟା ଯୋଗୁଁ ପ୍ରାୟ ୫୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୦୦ରୁ ଅଧିକ ଆହତ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ ଗତକାଲି ବାଘଲାନ ପ୍ରଦେଶର ୫ଟି ଜିଲ୍ଲାରେ ପ୍ରବଳ ବର୍ଷା ହୋଇଥିଲା । ବାଘଲାନ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପ୍ରାଦେଶିକ ନିର୍ଦ୍ଦେଶକ ଏଦାୟତୁଲ୍ଲା ହମଦାର୍ଦ୍ କହିଛନ୍ତି ଯେ ଅନେକ ଲୋକ ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା ରହିଛି । ସେ କହିଛନ୍ତି ଏବେ ମଧ୍ୟ ଦେଢ଼ଶହରୁ ଅଧିକ ଲୋକ ବିଭିନ୍ନ ଅଞ୍ଚଳରେ ଫସି ରହିଛନ୍ତି ଏବଂ ସେମାନଙ୍କୁ ଜରୁରୀ ସହାୟତା ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯାଉଛି । ଗତ କିଛି ସପ୍ତାହ ଧରି ଦେଶର ବିଭିନ୍ନ ଭାଗରେ ପ୍ରବଳ ବର୍ଷା ହୋଇଛି । ଏପ୍ରିଲ ମଧ୍ୟଭାଗରୁ ଏପର୍ଯ୍ୟନ୍ତ ବନ୍ୟାରେ ପ୍ରାୟ ୧୦୦ ଲୋକଙ୍କ ମୃତ୍ୟୁ ଘଟିଛି ବୋଲି ସେ କହିଛନ୍ତି ।

## ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

ଓଡ଼ିଶାରେ ପ୍ରଥମ ପର୍ଯ୍ୟାୟ ଏବଂ ଦେଶର ଚତୁର୍ଥ ପର୍ଯ୍ୟାୟ ନିର୍ବାଚନପାଇଁ ଆଜି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ ହେବ । ଏଥିରେ ୪ଟି ଲୋକସଭା ଆସନ - କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ସମେତ ଏହା ଅନ୍ତର୍ଗତ ୨୮ଟି ବିଧାନସଭା ଆସନ ନିମନ୍ତେ ଆସନ୍ତା ସୋମବାର ଦିନ

ଭୋଟଗ୍ରହଣ ହେବ । ଏହି ପର୍ଯ୍ୟାୟରେ ୭ ହଜାର ୨ ଶହ ଅଣାନବେଟି ବୁଥ୍‌ରେ ୬୨ ଲକ୍ଷ ୮୭ ହଜାର ୨୨୨ ଜଣ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ ।

ଅନ୍ୟପକ୍ଷରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶିତ ହୋଇଛି । ଏଥିରେ ଓଡ଼ିଶାର ୫ଟି ଲୋକସଭା ଆସନପାଇଁ ୪୦ ଜଣ ପ୍ରାର୍ଥୀ ରହିଥିବାବେଳେ ୩୫ଟି ବିଧାନସଭା ଆସନ ପାଇଁ ୨୬୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିବେ ।

## ଛତିଶଗଡ଼: ୧୨ ମାଓବାଦୀ ନିହତ

ଛତିଶଗଡ଼ର ବିଜାପୁର ଜିଲ୍ଲାରେ ଗତକାଲି ସୁରକ୍ଷା ବାହିନୀ ସହ ଗୁଳିବିନିମୟରେ ୧୨ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି । ଘଟଣାସ୍ଥଳରୁ ମାଓବାଦୀଙ୍କ ମୃତଦେହ ଉଦ୍ଧାର କରାଯାଇଛି ।

ବରିଷ୍ଠ ପୁଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଗଙ୍ଗାଲୁର ଅଞ୍ଚଳର ପେଡ଼ିଆ ଗ୍ରାମ ନିକଟ ଜଙ୍ଗଲରେ ଜିଲ୍ଲା ରିଜର୍ଭ ଗାର୍ଡ ଏବଂ ସ୍ପେଶାଲ ଟାସ୍କ ଫୋର୍ସର ଏକ ମିଳିତ ଟିମ୍ ଦ୍ୱାରା ସର୍ଚ୍ଚ ଅପରେସନ ବେଳେ ମାଓବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା । ଏହି ଘଟଣାରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି । ଏହି ଗୁଳି ବିନିମୟରେ ଦୁଇ ଜଣ ସୁରକ୍ଷାକର୍ମୀ ଆହତ ହୋଇଥିବା ସେ କହିଛନ୍ତି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଗତକାଲିର ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ’ ଚେନ୍ନାଇ ସୁପର୍ କିଙ୍ଗ୍‌ସକୁ ୩୫ ରନ୍‌ରେ ପରାସ୍ତ କରିଛି । ଅହମ୍ମଦାବାଦଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଚେନ୍ନାଇ ଟସ୍ ଜିତି ଗୁଜରାତକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଗୁଜରାଟ ୩ ୱିକେଟ୍ ବିନିମୟରେ ୨୩୧ ରନ୍ ସଂଗ୍ରହ କରିଥିଲା । ୨୩୨ ରନ୍ ବିଜୟଲକ୍ଷ୍ୟକୁ ପିଛା କରି ଚେନ୍ନାଇ ୮ୱିକେଟ୍ ହରାଇ ୧୯୬ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା ।

ଆଜି କୋଲ୍‌କାତା ନାଇଟି ରାଇଡର୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ କୋଲ୍‌କାତାରେ ମୁକାବିଲା ହେବ ।